# ଏକମତ ଗଠନ ପ୍ରକ୍ରିୟା

## ଏକମତର ଅର୍ଥ କ'ଣ?

ଆମ୍ଭେମାନେ ଲୋକମାନଙ୍କୁ ପଚାରୁ ସେମାନେ ଏକମତରୁ କ'ଣ ବୁଝନ୍ତି ଏବଂ ଏଠାରେ କିଛି ଉତ୍ତରଗୁଡିକ ଦର୍ଶାଯାଇଛି ।

''ବିଭିନ୍ନ ବିଚାରଗୁଡିକ ଉପରେ ଏକ ଏକମତ ହେବା ଯାହାକି ଗୋଟିଏ କିମ୍ବା ବହୁତ ଗୁଡିଏ ଦଳର ଲୋକମାନଙ୍କର ଆଲୋଚନାରୁ ବାହାରିଥାଏ ।

'' ଏକ ଆଂଶିକ ବୁଝାମଣା ବା ଚୁକ୍ତିକି କିପରି ଆଗକୁ ବଢ଼ିବ ।

'' ଏକ ସାଧାରଣ ନିଷ୍ପତି ଯାହାକି ଗୋଟେ ଦଳର ଲୋକମାନେ ନେଇଥାନ୍ତି । ଯାହାକି ଏକ ସମସ୍ୟା ଉପରେ ସାଧାରଣ ବୁଝାମଣା ଭିନ୍ନ ଭିନ୍ନ ମତାମତ ଏବଂ ଚିନ୍ତାଧାରା ଗୁଡିକରୁ ଆସିଥାଏ ।



ଏକମତର ଅର୍ଥ ହେଉଛି ଚିନ୍ତାଧାରା, ମତାମତ ଓ ବିଚାର ଗୁଡିକର ବୁଝାମଣାର ଏକ ଚୁକ୍ତି ।

ତେବେ ଏକମତ ଗଠନ ହେଉଛି

ଏକ ସାଧାରଣ ନିଷ୍ପତ୍ତିକୁ ପହଞ୍ଚାଇବାର ଏକ ପଥ ଯାହାକି ପ୍ରାୟ ସମସ୍ତ ଲୋକଙ୍କ ମଧ୍ୟରେ ଗ୍ରହଣଯୋଗ୍ୟ ଯେଉଁମାନଙ୍କର ଏକ ନିର୍ଦ୍ଦିଷ୍ଟ, ସମସ୍ୟା ବା ବିଷୟ ଉପରେ ଭିନ୍ନ ଚିନ୍ତାଧାରା ଓ ମତାମତ ଅଛି ।

## ଏକମତ ଗଠନ ପ୍ରକ୍ରିୟା ସମ୍ବନ୍ଧରେ

ଅନେକ ଲୋକ ମାନେ ଅନୁନ୍ନତ ଗୋଷ୍ଠୀଗୁଡିକର ପରିସ୍ଥିତିର ଉନ୍ନତି ନିମନ୍ତେ ବହୁତ ପରିଶ୍ରମ କରନ୍ତି । ଯେଉଁମାନେ କି ସରକାରୀ ସଂସ୍ଥା ଅଣ - ଆନୁଷ୍ଠାନିକ ସଂସ୍ଥା ଏବଂ ଉନ୍ନୟନ ମୂଳକ ଯୋଜନାଗୁଡିକରେ କାର୍ଯ୍ୟ କରନ୍ତି ଯେଉଁଥିରେ ସେମାନଙ୍କର ପାରଙ୍ଗମତା ଥାଏ ।

ମତ୍ସ୍ୟଚାଷୀ ଏବଂ ଚାଷୀମାନଙ୍କ ମଧ୍ୟରେ କିଛି ପାରଙ୍ଗମତା ଥାଏ ଯାହାକି ସେମାନଙ୍କ ଜୀବନରେ ଅଭିଜ୍ଞତାରୁ ଆସିଥାଏ ଏବଂ ଯାହା ତାଙ୍କର ପରିସ୍ଥିତି ଉପରେ ଏବଂ ସେହିପରି ସ୍ଥିତିକୁ ବଦଳାଇବା ପାଇଁ ତାଙ୍କର କ'ଣ ଦରକାର ସେ ବିଷୟରେ ଥାଏ ।

ମୁଁ ଚାହେଁ ଯେ ଲୋକମାନେ ଜାଣନ୍ତୁ ମୁଁ କେଉଁ ସବୁ ବିଷୟକୁ ସାମ୍ନା କରି ଆସୁଅଛି ।

ଯଦି ଆମେ ସମସ୍ତଙ୍କଠାରୁ ଶୁଣିବା ତାହେଲେ ଆମ୍ଭେମାନେ ସମାଧାନ ଉପରେ କାର୍ଯ୍ୟ ଆରମ୍ଭ କରିପାରିବା ଯାହାକି ସମସ୍ତଙ୍କ ପକ୍ଷରେ ଭଲହେବ ।



ମୁଁ ଏବେ ବେଶୀ ଆଶାବାଦୀ ବୋଲି ଅନୁଭବ କରେ ।

ଯେଉଁ ଗଳ୍ପଗୁଡିକ ମତ୍ସ୍ୟଚାଷୀ ଏବଂ ଚାଷୀମାନେ ସେମାନଙ୍କ ଜୀବନ ଉପରେ କୁହନ୍ତି ସେ ଗଳ୍ପ ଉପରୁ ଆମ୍ଭେମାନେ ତାଙ୍କର ଜୀବନର ଅଭିଜ୍ଞତା ଉପରେ ବେଶୀ ଭଲଭାବେ ବୁଝିପାରୁ । ସେମାନେ ନୀତି ନିର୍ଦ୍ଧାରକମାନଙ୍କୁ ସେମାନଙ୍କର ଜୀବନଯାପନର ଜଟିଳତା ବିଷୟରେ ବୁଝାଇବାକୁ ସକ୍ଷମ ହୋଇପାରନ୍ତି ଯେଉଁମାନେ ହେଉଛନ୍ତି ଗରିବ ମହିଳା, ପୁରୁଷ, ଯୁବମାନଙ୍କ ସହ ଆଦିବାସୀ ଏବଂ ଅନୁନ୍ନତ ଦାରିଦ୍ର ସୀମାରେଖାତଳେ ଥିବା ଦଳଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ ସେମାନେ ନୀତି ଆଲୋଚନା ଏବଂ ନୀତି ପରିବର୍ତ୍ତନରେ ଏକ ଉତ୍ତମ ସୂଚନାର ମାଧ୍ୟମ ଯୋଗାଇ ପାରନ୍ତି ।

ଏକମତ ଗଠନ ପ୍ରକ୍ରିୟା ହେଉଛି ସ୍ଥାନ ଯୋଗାଇବାର ଏକ ପଥ ଯେଉଁଥିରେ କି ଏହି ଗଳ୍ପଗୁଡିକ ରଖାଯାଇପାରେ, ଯାହାଫଳରେ ଗରିବ ଲୋକମାନଙ୍କ ଆବଶ୍ୟକତା ପାଇଁ ନୀତିଗୁଡିକୁ ପରିବର୍ତ୍ତନ କରାଯାଇପାରେ ।



# କିପରି ଏକମତ ଗଠନ ପ୍ରକ୍ରିୟା କାର୍ଯ୍ୟକରେ?

ଷ୍ଟ୍ରିମ୍‌ର ଏକ ପ୍ରକଳ୍ପ, ଜଳୀୟ ସଂପଦର ବ୍ୟବହାର ଦ୍ୱାରା ଗରିବଲୋକଙ୍କର ଜୀବିକା ପାଇଁ ଏକ ଉନ୍ନତ ନୀତିରେ ଖୋଜ, ଯେଉଁଥିରେ କି ଅନେକ ଅଂଶୀଦାରମାନେ ଜଡିତ ଥିଲେ । ଏକ ଯୋଜନାର ବିକାଶ ପାଇଁ ଯାହା ସାହାଯ୍ୟରେ ଆଦିବାସୀ ଲୋକମାନେ ମାଛଚାଷ କରିପାରିବେ । ଯେଉଁଥିରେ ଥିଲେ ଆଦିବାସୀ ଗୋଷ୍ଠୀ, ଗବେଷକ, ନୀତିନିର୍ଦ୍ଧାରକ ଓ ଅନ୍ୟମାନେ ।

ବିଭିନ୍ନ ଲୋକମାନଙ୍କର ଦ୍ୱନ୍ଦାତ୍ମକ ଚିନ୍ତାଧାରା ରହିଛି । ଏହି ବିଭିନ୍ନତା ଏକ ଯୋଜନାର ଲକ୍ଷ, ଫଳାଫଳ ଏବଂ କାର୍ଯ୍ୟ ବିଷୟରେ ଏବଂ କିଏ ଓ କିପରି ସାହାଯ୍ୟ କରିପାରିବ ସେଇ ନେଇଥିଲା । ଷ୍ଟ୍ରିମ୍ ଏକ ଏକମତ ବୃଦ୍ଧି ପ୍ରକ୍ରିୟା ବ୍ୟବହାର କଲା ଯାହାଫଳରେ କି ପ୍ରତ୍ୟେକଜଣଙ୍କର ବକ୍ତବ୍ୟ ଶୁଣାଯାଉଛି ବୋଲି ତାହା ନିଶ୍ଚିତ କଲ ।

ଏହି ପ୍ରକ୍ରିୟାରେ ଦଳର ପ୍ରତ୍ୟେକ ସଦସ୍ୟ ଦଳର ଅନ୍ୟ ସଦସ୍ୟଙ୍କୁ ଜାଣିଲେ, କିନ୍ତୁ ସେମାନେ ଅଲଗା ହୋଇ କାମ କଲେ । ପ୍ରଥମ ପର୍ଯ୍ୟାୟରେ ନୀତିପରିବର୍ତ୍ତନ ଉପରେ ଜାତୀୟ ଏବଂ ରାଜ୍ୟସ୍ତରୀୟ ନୀତିନିର୍ଦ୍ଧାରକମାନଙ୍କର ବକ୍ତବ୍ୟ ଜାଣିବା ପାଇଁ ଚାହିଁଥିଲେ । ଏହା ଦ୍ୱାରା ଦଳ ମଧ୍ୟରେ ମତାମତ ଏବଂ ବିରୋଧିମତାମତ ବୁଝାଗଲା ।

ପରିଚାଳକମାନେ ଅଂଶଗ୍ରହଣକାରୀମାନଙ୍କର ବକ୍ତବ୍ୟକୁ ସଂଗ୍ରହ କଲେ, ତାପରେ ସେମାନେ ଏହି ପ୍ରକ୍ରିୟାରେ ଜଡିତ ସମସ୍ତ ବକ୍ତବ୍ୟ ଉପରେ ମତାମତ ଦେଲେ କିନ୍ତୁ ସେମାନେ ଏହା କହିଲେ ନାହିଁ ଯେ କେଉଁ ମତାମତ କାହାଠାରୁ ଆସିଛି । ନାମବିହୀନ ଭାବେ, ବର୍ତ୍ତମାନ ସେମାନେ ନିଜର ମତାମତକୁ ସ୍ୱୀକାର ବା ଅସ୍ୱୀକାର ବି କରିପାରନ୍ତି କିମ୍ବା ପରିବର୍ତ୍ତନ ମଧ୍ୟ କରିପାରନ୍ତି ।

ତାପରେ ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ଅନୁରୋଧ କରାଯାଏ ଏହି ସକଳ ସଂଗୃହୀତ ବକ୍ତବ୍ୟକୁ ସ୍ୱୀକାର ଏବଂ ସମର୍ଥନ କରିବାପାଇଁ, ହୁଏତ ସେମାନେ ନୂତନ ଗଢ଼ି ଉଠିଥିବା ଏକମତ ସମ୍ବନ୍ଧରେ ସେମାନଙ୍କର ଚିନ୍ତାଧାରାକୁ ପରିବର୍ତ୍ତନ କରିପାରନ୍ତି । ବା ସେମାନେ ଏହାକୁ ପ୍ରତ୍ୟାଖାନ କରିପାରନ୍ତି ଏବଂ ଅନ୍ୟମାନେ ସେମାନଙ୍କର ଚିନ୍ତାଧାରା ପରିବର୍ତ୍ତନ କରିବା ଉଚିତ୍ ସେ ବିଷୟରେ ସେମାନେ ଅଧିକ ଯୁକ୍ତି କରିପାରନ୍ତି ।

ଏହି ପ୍ରକ୍ରିୟାରେ ପ୍ରକଳ୍ପ ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ୪୨ଟି ମୁଖ୍ୟ ସୁପାରିଶ୍ ମଧ୍ୟରୁ ନୀତିନିର୍ଦ୍ଧାରକମାନଙ୍କୁ କିଛି ସୁପାରିଶ୍ ବାଛି ନେବାକୁ କୁହାଯାଏ । ଏହାର ପଳସ୍ୱରୂପ ନୀତି ପରିବର୍ତ୍ତନ ପାଇଁ ୧୩ଟି ମୁଖ୍ୟ ସୁପାରିଶ୍ ସମ୍ମୁଖକୁ ଆସିଲା ।

## ଏକମତ - ଗଠନ ପ୍ରକ୍ରିୟା ଅନ୍ତର୍ଭୁକ୍ତ

ବିଶ୍ୱାସ କରିବା ପାଇଁ ଏହା ସମୟ ଦିଏ, ସମସ୍ତ ଅଂଶଗ୍ରହଣକାରୀମାନଙ୍କ ସହ ସଂପର୍କ, ଲୋକ, ଗ୍ରାମ ସଂସ୍ଥା ସଙ୍ଗେ କାର୍ଯ୍ୟ କରେ ।

ଏହା ଲୋକମାନଙ୍କୁ ସହଯୋଗୀ ଏବଂ ଗଠନଶୀଳ ପରିବେଶ ମଧ୍ୟରେ ସେମାନଙ୍କର ଚିନ୍ତାଧାରାକୁ ବ୍ୟକ୍ତ କରିବାରେ ସକ୍ଷମ କରିଥାଏ ।



ସେବା ପ୍ରଦାନ ପ୍ରକ୍ରିୟାରେ ଏବଂ ନୀତି ତିଆରି କରିବାର କାର୍ଯ୍ୟରେ ଯେଉଁମାନେ ଦୁର୍ବଳ ସେମାନଙ୍କୁ ଏହି ପ୍ରକ୍ରିୟାରେ ସାମିଲ୍ କରେ । ନୀତିକୁ ଉନ୍ନତି କରାଯାଇପାରିବ ଯେଉଁଗୁଡିକ ଦାରିଦ୍ର୍ୟଦୂରୀକରଣ ପାଇଁ ତିଆରି ।

କଥାବାର୍ତ୍ତା କହିବା ଏବଂ ବୁଝିବା ପାଇଁ ସ୍ଥାନ ଏବଂ ସମୟ ଦିଏ, ଉତ୍ତମ ଉପସ୍ଥାପନ, ନାଟକ, ଏବଂ ଭିଡିଓ ଫିଲ୍ମ ଡକ୍ୟୁମେଣ୍ଟାରୀ

ଏପରି କାର୍ଯ୍ୟ କରିବାକୁ ହେବ ଯେଉଁଥିରେ ସମସ୍ତେ ଅଂଶଗ୍ରହଣ କରିପାରିବେ ।

ଏହା ଲୋକମାନଙ୍କର କଥା ଶୁଣୁଛି, ବିଶେଷକରି ଯେଉଁମାନେ ଗରିବ ସେମାନଙ୍କର

ପ୍ରତ୍ୟେକଙ୍କୁ ସ୍ୱାଧିନତା ଦିଆଯାଏ ଏବଂ ସେମାନଙ୍କର ପଦସ୍ତରରୁ ବାହାରେ ନେଇ ସେମାନଙ୍କୁ ସ୍ୱାଧିନଭାବେ ଆଲୋଚନା କରିବାର ନିରପେକ୍ଷ ଜାଗା ଦିଆଯାଏ ଯେପରି ସେମାନେ ଏକସଙ୍ଗେ କାର୍ଯ୍ୟକରିବା ଦ୍ୱାରା ସେମାନଙ୍କର ବକ୍ତବ୍ୟକୁ ଶୁଣିବେ ଏବଂ ବୁଝିବେ ।

# ୭ମ ସୋପାନ - ଏକମତ ଗଠନ ପ୍ରକ୍ରିୟା - ଉଚ୍ଚ ଚିନ୍ତାଧାରା

ଆପଣ ଜାଣନ୍ତି, ମୁଁ ଜଣେ ବୃଦ୍ଧ, ବୃଦ୍ଧ ମହିଳା, ମୁଁ ମୋ ଜୀବନରେ ଅନେକ ବିଷୟ ଦେଖିଛି କିନ୍ତୁ ଗରୀବ ଲୋକ ନୀତି ପରିବର୍ତ୍ତନ କରିବାର ମୁଁ କେବେ ଦେଖି ନାହିଁ ।

**୧. ତୃଣମୂଳ ସ୍ତରର ପରାମର୍ଶ**

କୃଷକ ଏବଂ ମତ୍ସ୍ୟଚାଷିମାନଙ୍କ ସହ ଆଲୋଚନା ।

- କୃଷକ ଦଳ, ଗ୍ରାମ ସମବାୟ ସଭା ।
- ଗ୍ରାମ, ଗ୍ରାମ ଉନ୍ନୟନ ସଭା, ନଗରନିଗମ ସ୍ତରୀୟ କାର୍ଯ୍ୟଶାଳ
- ଜିଲ୍ଲା, ରାଜ୍ୟ, ଆଞ୍ଚଳିକ ସ୍ତରର କାର୍ଯ୍ୟଶାଳା ।

**୨. ଆଲେଚ୍ୟ ବିଷୟ ଏବଂ ମୁଖ୍ୟ ବିଷୟକୁ ସଂକଳିତ କରିବା**

ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରାଥମିକ ବିଷୟ ପ୍ରାଧାନ୍ୟତା ଚିହ୍ନିତ କରାଯାଏ ।

**୩. ମୁଖ୍ୟ ପ୍ରସଙ୍ଗର ସ୍ତର**

ଆଲୋଚନାର ସାରାଂଶକୁ ନୀତିନିର୍ଦ୍ଧାରକମାନଙ୍କ ନିକଟରେ ରଖିବା ଯାହାକି ବିଭିନ୍ନ ସ୍ତରରୁ ଆସିଥାଏ ।

**୪. ସାରାଂଶ**

ନୀତି - ନିର୍ଦ୍ଧାରକମାନଙ୍କ ଦ୍ୱାରା ମୁଖ୍ୟପ୍ରସଙ୍ଗର ସ୍ତର ସାରାଂଶ ତିଆରି କରିବା ।

**୫. ସମାପ୍ତି ଉପସ୍ଥାପନ**

ନୀତି ନିର୍ଦ୍ଧାରକ ଏବଂ କୃଷକମାନଙ୍କର ସମାପ୍ତ ଆଲୋଚନା ପାଇଁ ମୁଖ୍ୟପ୍ରସଙ୍ଗ ସ୍ତରର ସାରାଂଶକୁ ଉପସ୍ଥାପନ କରିବା ।

ସାନ୍ତମା, ଦୟାକରି ମହାଜାଲ୍ ବିଷୟରେ ଗଳ୍ପ ପଢ଼ ଏବଂ ତୁମେ ଦେଖିବଯେ ଆମେ କିପରି ନୀତିର ପରିବର୍ତ୍ତନ କରିଛୁ।

**୬. ନୀତିଗଠନ ଆରମ୍ଭ କରିବା**

ଚିହ୍ନିତ ସୁପାରିଶକୁ ନୀତିରେ ଅନ୍ତର୍ଭୁକ୍ତ କରିବା

**୭. ନୀତିରେ ପରିବର୍ତ୍ତନ**











**ମାହାଜାଲ୍ - ଏକ ବଡ଼ ମାଛଧରା ଜାଲ**

ଏଗୁଡିକ ମହାଜାଲରୁ ଅଣାଯାଇଥିବା ଦୃଶ୍ୟ - ଏକ ବଡ଼ ମାଛ ଧରିବା ଜାଲ ଯାହାକି କେନ୍ଦ୍ରସରକାର ସ୍ତରରେ ଥିବା ନୀତି ନିର୍ଦ୍ଧାରକମାନଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା । ଏହି ନାଟକ ପ୍ରକୃତ ଲୋକମାନଙ୍କ ଗଳ୍ପ ଏବଂ ସେମାନେ ସାମ୍ନା କରୁଥିବା ସମସ୍ୟା ସେମାନଙ୍କର ଜୀବନ ନିର୍ବାହନ ନିମନ୍ତେ ଉପାର୍ଜନର ଚେଷ୍ଟା ବିଷୟରେ କୁହେ । ଏହି ଗଳ୍ପଗୁଡିକ ପ୍ରଥମେ ଏକମତ - ଗଠନ ପ୍ରକ୍ରିୟା ସମୟରେ କୁହାଯାଇଥିଲା ।

ଏହି ନାଟକ ଗରିବ ଲୋକମାନଙ୍କର ନୀତି ନିର୍ଦ୍ଧାରକମାନଙ୍କୁ ଜଣାଇବାର ଏକ ପଥ । ନୀତି ନିର୍ଦ୍ଧାରକମାନଙ୍କ ଦ୍ୱାରା ଏହି ଯୋଜନା ସମୟରେ ୧୩ଟି ସୁପାରିଶ ନିଆଯାଇଥିଲା ।



# ଏକମତ ଗଠନ ପ୍ରକ୍ରିୟା କିଛି ଉପାଦେୟତା




ବେଳେବେଳେ ଦଳଗତ ନିଷ୍ପତ୍ତି - ଗଠନ ଅସୁବିଧା ଜନକ ହୋଇପାରେ, କାରଣ ଦଳରେ ଭିନ୍ନ ଭିନ୍ନ ପ୍ରକାର ଲୋକ ଭିନ୍ନ ବକ୍ତିତ୍ୱ ଏବଂ ଭିନ୍ନ ପରିବେଶର ଥା'ନ୍ତି, ଉଦାହାରଣ ସ୍ୱରୂପେ, ଦଳର କିଛି ସଦସ୍ୟ ଅନ୍ୟ ସଦସ୍ୟ ଯେଉଁମାନଙ୍କ ସ୍ୱରଶୁଣାଯାଏ ନାହିଁ ସେମାନଙ୍କ ଉପରେ କର୍ତ୍ତୁତ୍ୱ କରିପାରନ୍ତି କିଛି ଲୋକ ସେମାନଙ୍କଠାରୁ ଯେଉଁମାନେ ବଡ଼ କିଛି କ୍ଷେତ୍ରରେ ସେମାନଙ୍କ ସାମ୍ନାରେ ନିଜର ମତାମତ ଦେବା ପାଇଁ ଡରନ୍ତି ।

ଏକମତ ଗଠନ ପ୍ରକ୍ରିୟାରକୌଶଳ ଦଳର ନିଷ୍ପତ୍ତି ଗଠନର ଲାଭକୁ ଧରିରଖେ ଯେତେବେଳେ କି ଏହାର କିଛି ସୀମିତତାକୁ ଏହା ଏଡାଇଦିଏ । ଉଦାହରଣ ସ୍ୱରୂପ ଉଚ୍ଚ କର୍ତ୍ତୁତ୍ୱଶୀଳ ଦଳର ସଦସ୍ୟ, ରାଜନୈତିକ ପକ୍ଷପାତ "ଉପରିସ୍ଥ ଅଧକ୍ଷକୁ ସମାଲୋଚନା କରିବାକୁ ଚାହାଁନ୍ତି ନାହିଁ ।"

## ଆବଶ୍ୟକୀୟ ସଂଯୋଗ

**ଅନ୍ୟାନ୍ୟ ଉତ୍ତମ ଅଭ୍ୟାସଗତ ପଥପ୍ରଦର୍ଶିକା**

**ଏଠାରେ ଅନେକଗୁଡିଏ**

ଉତ୍ତମ - ଅଭ୍ୟାସଗତ ପଥପ୍ରଦର୍ଶିକା ରେଖା ଦିଆଯାଇଛି ସେଗୁଡିକ ଏଥିରେ ଅନ୍ତର୍ଭୁକ୍ତ ।

- ତଥ୍ୟପାଇବାର ସୁବିଧାର ପର୍ଯ୍ୟବେକ୍ଷଣ
- ଏକମତ - ଗଠନ ପ୍ରକ୍ରିୟା

ଆପଣ ଏହାର ଏକାଧିକ କପି ଏବଂ ଅନ୍ୟ ଉତ୍ତମ ଅଭ୍ୟାସଗତ ପଥପ୍ରଦର୍ଶିକା ଷ୍ଟ୍ରିମ୍ କଣ୍ଟ୍ରି ଅଫିସ୍, ଷ୍ଟ୍ରିମ୍‌ର ଆଞ୍ଚଳିକ ଅଫିସ୍ ଏବଂ ଷ୍ଟ୍ରିମ୍ ୱେବ୍‌ସାଇଟ୍ ରୁ ମଧ ପାଇପାରନ୍ତି ।

ଆମ୍ଭେମାନେ ଆପଣମାନଙ୍କୁ ଉତ୍ତମ-ଅଭ୍ୟାସଗତ ପଥପ୍ରଦର୍ଶିକା ତଥ୍ୟ ଦେବା ପାଇଁ ଇଚ୍ଛାପ୍ରକାଶ କରିବୁ । ଆପଣ ଆମ୍ଭମାନଙ୍କୁ ଫୋନ୍, ଇମେଲ୍, ଓ ଷ୍ଟ୍ରିମ୍ କମ୍ୟୁନିକେସନ୍ ହବ୍ ମ୍ୟାନେଜରଙ୍କ ପାଖକୁ ଲେଖିବା ଦ୍ୱାରା ପାଇପାରିବେ ।

**ଷ୍ଟ୍ରିମ୍ କଣ୍ଟ୍ରି ଅଫିସ୍**
ଡ୍ୟୁପ୍ଲେକ୍ସ - ୨
ଟି.ଏସ୍. ହୋମସ୍
ଟଙ୍କପାଣି ରୋଡ୍, ଭୁବନେଶ୍ୱର - ୧୮
ଫୋନ୍ - ୦୬୭୪ - ୨୩୮୧୮୫୧
ଫ୍ୟାକ୍ସ - ୦୬୭୪ - ୨୩୮୧୮୫୧
ଇ-ମେଲ୍ - rubumukherjee@rediffmail.com

**ଷ୍ଟ୍ରିମ୍ ଆଞ୍ଚଳିକ ଅଫିସ୍ -**
ନାକା
ମତ୍ସବିଭାଗ ପରିଷଦ
କାସେଟ୍ ସାର୍ଟ ୟୁନିଭର୍ସିଟ କ୍ୟାମ୍ପସ
କ୍ୟାମ୍ପସ୍, ଫାହୋଲିୟୋଥିନ୍ ରୋଡ୍
ବାନ୍‌ଗଖେନ୍, ବ୍ୟାଙ୍ଗକକ୍
୧୦୯୦୩
ଥାଇଲାଣ୍ଡ
ଫୋନ୍ - ୬୬୨୫୬୧୧୭୨୮/୨୯
ଫ୍ୟାକ୍ସ - ୬୬୨୫୬୧୧୭୨୭
ଇ-ମେଲ୍ - stream@enaca.org

**ଷ୍ଟ୍ରିମ୍ ୱେବ୍‌ସାଇଟ୍**
www.streaminitiative.org.